# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 03 October – 2025

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ଆଜି ପୁରିଲା ୧୧ ବର୍ଷ

- ହୀରାକୁଦରେ ପଞ୍ଜୁରୀ ମାଛ ଚାଷ ପାଇଁ ସାଧାରଣ ସୁବିଧା କେନ୍ଦ୍ରକୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଆଜିଠାରୁ ଏକମାସ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ରାଧାଦାମୋଦର ବେଶରେ ଦେବେ ଦର୍ଶନ

ଏବଂ

- ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆଜି ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ଚାଲିଛି ଭସାଣୀ ଉତ୍ସବ

Desk

# ମନ୍ କି ବାତ୍ – ୧୧ବର୍ଷ ପୂର୍ତ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌କୁ ଆଜି ୧୧ବର୍ଷ ପୂରଣ ହୋଇଛି । ୨୦୧୪ ମସିହା ଆଜିର ଦିନରେ ମନ୍ କି ବାତ୍‌ର ପ୍ରଥମ ସଂସ୍କରଣ ଆକାଶବାଣୀ ପକ୍ଷରୁ ପ୍ରସାରଣ ହୋଇଥିଲା। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨୬ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ମନ୍ କି ବାତ୍ କେବଳ ଗୋଟିଏ ରେଡ଼ିଓ କାର୍ଯ୍ୟକ୍ରମ ନୁହେଁ ଏହା ସାଂସ୍କୃତିକ ଏବଂ ସାମାଜିକ ବିଚାରଧାରାର ଉନ୍ନତ ସଂସ୍କରଣ ଯାହା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ବର୍ଷରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ, ସାଂସ୍କୃତିକ, ପରିବେଶ ସମ୍ବନ୍ଧରେ ବିଭିନ୍ନ ଘଟଣା ସମ୍ବନ୍ଧରେ ଆଲୋଚନା କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମର ଏକ ସଂସ୍କରଣରେ କହିଛନ୍ତି, ଶ୍ରୋତାମାନେ ହେଉଛନ୍ତି ମନ୍ କି ବାତ୍‌ର ବାସ୍ତବ ଉଦ୍‌ଘୋଷକ ।

Sambalpur

# ମାଛ ଚାଷ ସୁବିଧା କେନ୍ଦ୍ର

ହୀରାକୁଦରେ ପଞ୍ଜୁରୀ ମାଛ ଚାଷ ପାଇଁ ସାଧାରଣ ସୁବିଧା କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ସୁବିଧା କେନ୍ଦ୍ର ଉଦଘାଟିତ ହୋଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ୩୭ଟି ପଞ୍ଜୁରୀରେ ମାଛଚାଷ କରାଯାଉଛି। ହୀରାକୁଦ ଜଳଭଣ୍ଡାରରୁ ୩୦ ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଛି। ଯାହାର ମୂଲ୍ୟ ପ୍ରାୟ ୪୦୦ କୋଟି ଟଙ୍କା। ହୀରାକୁଦରୁ ମତ୍ସ୍ୟଚାଷୀ ମାନେ ଭଲ ଆୟ କରିପାରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ସରକାରୀ ସ୍ତରରେ ସମ୍ବଲପୁର ଜିଲ୍ଲାରୁ ଏକ ହଜାର କୋଟି ଟଙ୍କା ମାଛ ଚାଷରୁ ଆୟ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହଯୋଗରେ ମାଛ ଚାଷ ଏବଂ ମାଛ ବିହନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମ୍ବଲପୁର ନିକଟସ୍ଥ ବସନ୍ତପୁରଠାରେ ଏକ ଆଧୁନିକ ମାଛଚାଷ ତାଲିମ କେନ୍ଦ୍ର ନିର୍ମାଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

Sambalpur

## ସ୍ୱାସ୍ଥ୍ୟକେନ୍ଦ୍ର- ନୂତନ କୋଠା

ସମ୍ବଲପୁର ଜିଲ୍ଲା ଧନକୌଡ଼ା ବ୍ଲକ ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଉଦ୍‌ଘାଟନ କରିଛନ୍ତି। ପୁରୁଣା କେନ୍ଦ୍ରକୁ ପରିବର୍ତ୍ତନ କରାଯାଇ ୩ ମହଲା

ବିଶିଷ୍ଟ ୪୦ ହଜାର ବର୍ଗଫୁଟର ନୂତନ କୋଠା ନିର୍ମାଣ କରାଯାଇଛି। ଏଥିରେ ୨୦ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି।

Subarnpur

## ଉପମୁଖ୍ୟମନ୍ତ୍ରୀ- ବସ୍‌ଷ୍ଟାଣ୍ଡ ଭିତ୍ତିପ୍ରସ୍ତର

ସୁବର୍ଣ୍ଣପୁରର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରକଳ୍ପର ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩ ଏକର ପରିମିତ ଏହି ବସ୍‌ଷ୍ଟାଣ୍ଡ ୫୮ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ଦ୍ୱାରା ଜିଲ୍ଲାବାସୀଙ୍କ ଆବଶ୍ୟକତା ପୂରଣ ହେବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଭୂମିପୂଜନ ଉତ୍ସବରେ  ସାଂସଦ ସଂଗୀତା କୁମାରୀ ସିଂହଦେଓ, ଜିଲ୍ଲାପାଳ ନୃପରାଜ ସାହୁଙ୍କ ସମେତ ପୌରାଧକ୍ଷ ତାମସୀ ତମସ୍ମିତା ନାୟକ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

Desk

# କେନ୍ଦ୍ର ସରକାର-ସ୍ୱଚ୍ଛତା ଅଭିଯାନ

ଗାନ୍ଧି ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ  ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଭିନ୍ନ ମନ୍ତ୍ରଣାଳୟର ପ୍ରଶାସନିକ ସଂସ୍କାର, ଦକ୍ଷତା ବୃଦ୍ଧି, ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା, ଅଭିଯୋଗ ଗୁଡ଼ିକର ସମାଧାନ ଓ ଇ-ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ପଦକ୍ଷେପ ନିଆଯାଉଛି । ମିଳିଥିବାସୂଚନା ଅନୁସାରେ ଏହି ସମୟ ମଧ୍ୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ

୭୫୩ଟି ପ୍ରସ୍ତାବର ଅନୁମୋଦନ ଏବଂ ୧ ଲକ୍ଷ ୭୦ହଜାର ବକେୟା ଅଭିଯୋଗର ସମାଧାନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

Puri

# ରାଧା ଦାମୋଦର ବେଶ

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୋଇଛି। ଏକମାସ ଧରି ପ୍ରତ୍ୟେହ ରାଧା ଦାମୋଦର ବେଶରେ ଭକ୍ତମାନଙ୍କୁ ଶ୍ରୀଜୀଉ ଦର୍ଶନ ଦେବେ। ଏଥିସହିତ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବାଲଭୋଗ ନୀତି ଆଜିଠାରୁ ଆରମ୍ଭ ହୋଇଛି। କାର୍ତ୍ତିକ ମାସର ସମସ୍ତ ନୀତିକାନ୍ତି କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିବ। ଶ୍ରୀଜୀଉଙ୍କର ରାଧା ଦାମୋଦର ବେଶ ଦର୍ଶନ ଏବଂ ବାଲଭୋଗ ପାଇବା ପାଇଁ ହବିଷ୍ୟାଳି ଅତ୍ୟନ୍ତ ନିଷ୍ଠା ଏବଂ ଶ୍ରଦ୍ଧାର ସହ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏ ସମ୍ପର୍କରେ ଆକାଶବାଣୀକୁ ଅଧିକ ସୂଚନା ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି...

**- V/O –**

CTC/BBSR

# ଦୁର୍ଗା ଭସାଣି

କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆଜି ମା' ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେଉଛି । ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଉଛି । ଏଥିପାଇଁ ଚିହ୍ନଟ ସ୍ଥାନ ଗୁଡ଼ିକରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି । ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ବାଜା, ନାଚଗୀତ ମଧ୍ୟରେ ମା'ଙ୍କର ଶୋଭାଯାତ୍ରା ଚାଲିଛି । କଟକରେ ପୂର୍ବାହ୍ନରୁ ମେଢ଼ ଗୁଡ଼ିକୁ ସାହି ପରିକ୍ରମା ପରେ ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ନିଆଯାଉଛି । ଏଥିପାଇଁ ଦେବୀଗଡ଼ାଠାରେ ୩ଟି ଅସ୍ଥାୟୀ ପୋଖରୀ ପ୍ରସ୍ତୁତି କରାଯାଇଛି । ବଙ୍ଗୀୟ ରୀତିନୀତି ଅନୁଯାୟୀ ପୂଜା ହୋଇଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଗତକାଲି ରାତିରୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି । ଭସାଣୀ ଉତ୍ସବ ଦେଖିବା ପାଇଁ ଦେବୀଗଡାଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଭସାଣ ସମୟରେ ସହରର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ଉପରେ କମିଶନରେଟ୍ ପୋଲିସ ପକ୍ଷରୁ କଟକଣା ଲାଗୁ କରାଯାଇଛି ।

ରାଜଧାନୀ ଭୁବନେଶ୍ୱରର କୁଆଖାଇ ଓ ଦୟାନଦୀ କୂଳରେ ଏବଂ ଟଙ୍କପାଣି ସାଇମନ୍ଦିର ନିକଟରେ ଭସାଣି ପାଇଁ ଅସ୍ଥାୟୀ ଭାବେ ୪ଟି ପୋଖରୀ ନିର୍ମାଣ କରାଯାଇଛି । ଅପରାହ୍ନ ୨ଟାରୁ ରାତି ଗୋଟାଏ ପର୍ଯ୍ୟନ୍ତ ସହର ଭିତରେ ଟ୍ରାଫିକ କଟକଣା ଲାଗୁ ହୋଇଛି ।

Puri

# ଗୋଣାଣି ଉତ୍ସବ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଗୋଣାଷି ଉତ୍ସବ ଅନୁଷ୍ଠିତ ହେଉଛି । ସହରରେ ପୂଜା ପାଉଥିବା ସମସ୍ତ ମୃଣ୍ମୟୀ ମେଢ଼ଗୁଡ଼ିକୁ ଆଜି ବିସର୍ଜନ କରାଯାଉଛି । ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ପ୍ରତିନିଧି ମା' କାକୁଡ଼ିଖାଇଙ୍କର ଗତକାଲି ଦଶହରାରେ ପରମ୍ପରା ଅନୁଯାୟୀ ବିସର୍ଜନ ହୋଇଛି । ଅନ୍ୟ ଗୋଷାଣି ଗୁଡ଼ିକ ଆଜି ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ପ୍ରଥମେ ଦେବୀ ସଭାରେ ସାମିଲ ହେଉଛନ୍ତି । ଏକାଦଶୀ ଅବସରରେ ଶ୍ରୀଜୀଉଙ୍କର ମହାଦୀପ ଉଠିବା ପରେ ଗୋଷାଣିଗୁଡ଼ିକୁ ନେଇ ବିସର୍ଜନ କରାଯିବ । ଗୋଷାଣି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

Ganjam/Nayagarh

# ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ ୨୦୨୫ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଛଖଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଘରୋଇ

ହିଂସାକୁ କିପରି ରୋକା ଯାଇପାରିବ ସେହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା ସଭାଗୃହରେ ଆୟୋଜିତ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ-୨୦୨୫ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଆଇନର ବିଭିନ୍ନ ବ୍ୟବସ୍ଥା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ସ୍ଥାନରେ ମହିଳାଙ୍କ ବିରୁଦ୍ଧରେ ହିଂସା ବା ଅସଦାଚରଣ ନଜରକୁ ଆସିଲେ ଜାତୀୟ ମହିଳା ହେଲପ୍ ଲାଇନ୍ ନମ୍ବର ୧୦୯୧ ଏବଂ ୧୮୧ କିମ୍ବା ୧୧୨କୁ ଫୋନ୍ କରି ଅଭିଯୋଗ କରିପାରିବେ ବୋଲି ଡକ୍ଟର ପୃଷ୍ଟି କହିଛନ୍ତି।

Nuapada

## ବନ୍ୟା ପରିସ୍ଥିତି

ନୂଆପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ପଲସଦା ବ୍ରିଜ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବୋଡେନ–ଖଡ଼ିଆଳ ମୁଖ୍ୟ ସଡ଼କରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

Nabarangpur

## ବନ୍ୟାଜଳ ପ୍ରବାହିତ

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଉପର ଇନ୍ଦିରାବତୀ ଜଳଭଣ୍ଡାରରେ ଜଳସ୍ତର ଲଘୁଚାପ ଜନିତ ବର୍ଷା ଯୋଗୁଁ ବୃଦ୍ଧି ପାଇଛି। ଆଜି ଦିନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୪୦ ଦଶମିକ ୪/୦ ମିଟର ରହିଥିଲା। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ରହିଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଲେ ଆଜି ଗୋଟିଏ କିମ୍ବା ଦୁଇଟି ଗେଟ୍ ଖୋଲାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି।

Ganjam/Koraput

## ବନ୍ୟା

କୋରାପୁଟ ଜିଲ୍ଲାରେ ଗତ ୨୪ ଘଣ୍ଟାରେ ପ୍ରବଳ ବର୍ଷା ହେବା ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କୋଲାବ, ଇନ୍ଦିରାବତୀ, ତେଲେଙ୍ଗିରି, ପାଟାଲି, ସବେରୀ, କୁର୍ଲୁ ଓ ସେମାନଙ୍କର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଡ୍ୟାମର ଦୁଇଟି ଗେଟ୍ ଖୋଲାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ଅନୁଧ୍ୟାନ କରାଯାଉଛି।